# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କନ୍ଧମାଳ, ଫୁଲବାଣୀ

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କନ୍ଧମାଳ ଅଧିନରେ ୦୬ (ଛଅ) ଗୋଟି ଚତୁର୍ଥ ଶ୍ରେଣୀ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଅଛନ୍ତି । ତଦନୁଯାୟୀ ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ନିମନ୍ତେ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ବର୍ଗ | ମୋଟ ପଦବୀ |
|---|---|---|
| ୧ | ଅନୁସୂଚିତ ଜନଜାତି (ST) | ୦୨ (ପୁରୁଷ) |
| ୨ | ଅନୁସୂଚିତ ଜାତି (SC) | ୦୨ (ପୁରୁଷ) |
| ୩ | ଅଣ ସଂରକ୍ଷିତ ଜାତି (UR) | ୦୧ (ପୁରୁଷ) |
| ୪ | ଏସ୍.ଇ.ବି.ସି. (SEBC) | ୦୧ (ପୁରୁଷ) |
| | ମୋଟ | ୦୬ (ପୁରୁଷ) |

ଚୁକ୍ତି ଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

ଯୋଗ୍ୟତା : -(କ) ପ୍ରାର୍ଥୀ ଓଡିଶା ସରକାରଙ୍କ ସ୍ୱିକୃତି ପ୍ରାପ୍ତ କୌଣସି ଏକ ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ କିମ୍ବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

(ଖ) ଜାତୀୟ ଗୋମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧିନସ୍ଥ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅନ୍ୟୁନ ୩ ବର୍ଷର ଅଭିଜ୍ଞତା ରହିଥିବ ।

(ଗ) ଓଡିଆ ଭାଷା କହି, ପଢି ଓ ଲେଖି ପାରୁଥିବେ ।

(ଘ) ଉତ୍ତମ ଚରିତ୍ରବାନ୍ ହୋଇଥିବେ ।

(ଙ) ବିବାହିତ ହୋଇଥିଲେ ତାଙ୍କର ଏକରୁ ଅଧିକ ସ୍ତ୍ରୀ ନଥିବେ ।

(ଚ) କନ୍ଧମାଳ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

ବୟସସୀମା : - ପ୍ରାର୍ଥୀ ତା ୦୧.୦୧.୨୦୧୯ ସୁଦ୍ଧା ୧୮ ବର୍ଷରୁ କମ୍ ଓ ୩୨ ବର୍ଷରୁ ଅଧିକ ହୋଇନଥିବେ । ସଂରକ୍ଷିତ ବର୍ଗର ପ୍ରାର୍ଥୀର ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ । ଗୋମିତ୍ର ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୦୧.୦୧.୨୦୧୯ ସୁଦ୍ଧା ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

ଶାରିରୀକ ଯୋଗ୍ୟତା : -

(କ) ପ୍ରାର୍ଥୀଙ୍କର ଉତ୍ତମ ମାନସିକ ସ୍ଥିତି ଓ ଉତ୍ତମ ସ୍ୱାସ୍ଥ୍ୟ ଥିବ ଓ କୌଣସି ଶାରିରୀକ ତ୍ରୁଟି ନଥିବ ।

(ଖ) ଉଚ୍ଚତା ୫ ଫୁଟରୁ କମ୍ ହୋଇନଥିବା ପୁରୁଷମାନଙ୍କ କ୍ଷେତ୍ରରେ ଅଣସଂପ୍ରସାରିତ ଛାତିର ଚଉଡା ୩୦ ଇଂଚ ହୋଇଥିବା ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରିରୀକ ତ୍ରୁଟି (physical defect) କିମ୍ବା ମାନସିକ ଅକ୍ଷମତା (mental defect) ନଥିବା ଆବଶ୍ୟକ ।

(ଗ) ପ୍ରାର୍ଥୀ ସାଇକେଲ ଚଳାଇ ପାରୁଥିବେ ।

ଚୟନ ପ୍ରଣାଳୀ : ଚୟନ ପ୍ରଣାଳୀରେ ମୋଟ ୧୦୦ ନମ୍ବର ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବାଧିକ ୫୦ ନମ୍ବର କୃତ୍ରିମ ପ୍ରଜନନର ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ ଯାହାକି NPCBB ଅଧିନରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଥମ ତିନିବର୍ଷର ଅଭିଜ୍ଞତା ପାଇଁ ୩୦ ନମ୍ବର ଓ ତା ପରବର୍ତ୍ତୀ ପ୍ରତି ଏକ ବର୍ଷର ଅଭିଜ୍ଞତା ନିମନ୍ତେ ୫ ନମ୍ବର ଲେଖାଏଁ (ସର୍ବାଧିକ ସୀମା ୫୦) ପ୍ରଦାନ କରାଯିବ ।

ଅବଶିଷ୍ଟ ୫୦ ନମ୍ବର ପାଇଁ ଓଡିଆ ଭାଷାରେ ଲେଖାପଢି ଜାଣିଥିବାର ଲିଖିତ ପରୀକ୍ଷା କରାଯିବ । ପ୍ରାର୍ଥୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କନ୍ଧମାଳ, ଫୁଲବାଣୀ କାର୍ଯ୍ୟରେ ଦାଖଲ କରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ **୧୫.୦୨.୨୦୧୯** ଉକ୍ତ ସମୟ ସୀମା ପରେ ପହଞ୍ଚିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ପ୍ରାର୍ଥୀ ବ୍ୟକ୍ତିଗତ ଭାବେ କିମ୍ବା ଡାକ ମାଧ୍ୟମରେ ଦରଖାସ୍ତ କରିପାରିବେ । ଲଫାପା ଉପରେ ଚୁକ୍ତି ଭିତ୍ତିକ ଚତୁର୍ଥ ଶ୍ରେଣୀ ପଦବୀ ନିମନ୍ତେ ଦରଖାସ୍ତ ଲେଖାଯିବା ଆବଶ୍ୟକ ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
କନ୍ଧମାଳ, ଫୁଲବାଣୀ

# ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଖାଲିଥିବା ୦୬ (ଛଅ) ଗୋଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନର ଶେଷ ତାରିଖ ୧୫.୦୨.୨୦୧୯ ଅପରାହ୍ଣ ୫ଟା । ଆବେଦନକାରୀ ସବିଶେଷ ବିବରଣୀ ତଥା ଦରଖାସ୍ତ ଫର୍ମର ନମୁନା ନିମ୍ନଲିଖିତ ଜିଲ୍ଲା ୱେବ୍‌ସାଇଟ୍‌କୁ ଯାଇ ଡାଉନ୍‌ଲୋଡ୍ କରିପାରିବେ ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ<br>
କନ୍ଧମାଳ, ଫୁଲବାଣୀ

# ଦରଖାସ୍ତ ଫର୍ମ

୧. ପ୍ରାର୍ଥୀଙ୍କ ନାମ : ______________________

୨. ପିତାଙ୍କ ନାମ : ______________________

୩. ବିବାହିତ/ଅବିବାହିତ : ______________________

୪. ସ୍ଥାୟୀ ଠିକଣା :

ଗ୍ରାମ: ______________,ପୋ.ଅ.: ______________, ଭାୟା: ______________

ଥାନା : ______________, ଜିଲ୍ଲା : ______________, ପିନ ନଂ ______________

୫. ଯୋଗା ଯୋଗ ଠିକଣା :

ଗ୍ରାମ: ______________,ପୋ.ଅ.: ______________, ଭାୟା: ______________

ଥାନା : ______________, ଜିଲ୍ଲା : ______________, ପିନ ନଂ ______________

୬. ଜନ୍ମ ତାରିଖ : ______________

୭. ବୟସ ତାରିଖ (୦୧.୦୧.୨୦୧୯ ରିଖ ସୁଦ୍ଧା): ______________

୮. ଜାତୀୟତା : ______________

୯. ଜାତି : ______________

୧୦. ଶିକ୍ଷାଗତ ଯୋଗ୍ୟତା : ______________

୧୧. NPCBB ଅଧିନରେ ଗୋମିତ୍ର ଭାବେ ଯୋଗଦାନର ତାରିଖ : ______________

୧୨. କୃତ୍ରିମ ପ୍ରଜନନରେ ଅଭିଜ୍ଞତାର ସମୟ : ______________

୧୩. ଉଚ୍ଚତା : ______________

୧୪. ଅଣସମ୍ପ୍ରସାରିତ ଛାତିର ଚଉଡ଼ା (ଇଂଚରେ) : ______________

ମୁଁ ଏତଦ୍‌ଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ମୋ ଜ୍ଞାତସାରରେ ନିର୍ଭୁଲ ଓ ସତ୍ୟ ଅଟେ ।

ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର :**

୧.ଶିକ୍ଷାଗତ ଯୋଗ୍ୟତାର ନକଲ ୨.ବୟସର ପ୍ରମାଣ ପତ୍ର, ୩.ଜାତିଗତ ପ୍ରମାଣ ପତ୍ର, ୪.ଚରିତ୍ର ପ୍ରମାଣ ପତ୍ର (୨ ଜଣ ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ପ୍ରଦାନ), ୫. ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର, ୬. NPCBB ଅଧିନସ୍ଥ କୃତ୍ରିମ ପ୍ରଜନନରେ ଅଭିଜ୍ଞତାର ୩ ବର୍ଷ ବା ତଦୁର୍ଦ୍ଧ ସମୟର ପ୍ରମାଣ ପତ୍ର (ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ଠାରୁ), ୭. ଦୁଇଟି ଫୋଟ (ପାସ୍‌ପୋର୍ଟ ଆକାରର) ।